# ମୋ ଗାଁ ମୋର ଗୌରବ



ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା

# ଫାର୍ମରେ ମାଛ ଖାଦ୍ୟ ପ୍ରସ୍ତୁତି

ମାଛ ଚାଷ କଲେ ଅଧିକ ଲାଭ ମିଳେ, ଏକଥା କାହାକୁ ଆଉ ଅଛପା ନାହିଁ । ଆମ ରାଜ୍ୟର ପୋଖରୀ, ଗଡିଆ ଏବଂ ଛୋଟ ବଡ ଜଳ ଭଣ୍ଡାରରେ ମୁଖ୍ୟତଃ କାର୍ପ ଜାତିର ମାଛ ଚାଷ କରାଯାଏ । କାର୍ପ ଜାତିର ମାଛ ବିଶେଷ କରି ଭାକୁର, ରୋହି, ମିରିକାଳି, ଦଳଖାଇ (ଗ୍ରାସ୍ କାର୍ପ), ରୁପେଟୀ (ସିଲଭର କାର୍ପ) ଓ ବିଲାତିରୋହି (କମନ କାର୍ପ)ମାନେ ହେଲେ ଲାଭଦାୟକ ପ୍ରଜାତି । ଏମାନେ କମ୍ ସମୟରେ ଭଲ ବଢିାରନ୍ତି । ଆଜିକାଲି ଅନେକ ମାଛ ଚାଷୀ କାର୍ପ ମାଛ ସହିତ ବା ଏକକ ଭାବେ ମଧୁରଜଳ ଚିଙ୍ଗୁଡିକୁ ଚାଷକରିବାକୁ ଆଗ୍ରହ ପ୍ରକାଶ କଲେଣି । ସେହିରି ଜଳଙ୍ଗ ମାଛ ଚାଷର ଚାହିଦା ଦିନକୁ ଦିନ ବଢି ଚାଲିଛି । ମାଛ ଚାଷ କରାଯାଉଥିବା ଜଳ ରାଶିରେ ପର୍ଯ୍ୟାପ୍ତ ପ୍ରାକୃତିକ ଆହାର ଥିଲେ ମଧ୍ୟ କମ୍ ଜାଗାରେ ଅଧିକ ମାଛ ଛଡାଯାଉଥିବାରୁ ମାଛ ଭଲ ବଢିବା ପାଇଁ ପୂରକ ଆହାରର ଦରକାର ପଡିଥାଏ ପୂରକ ଆହାର ଦେଲେ ମାଛ ମାନେ ଭଲ ବଢିଥାଆନ୍ତି ।

**ପୂରକ ଆହାର କାହାକୁ କହିବା:**

ବାହାରର ଯେଉଁ ଖାଦ୍ୟ ମାଛମାନେ ପ୍ରାକୃତିକ ଖାଦ୍ୟ ସହତି ହେଉ ବା ସ୍ୱତନ୍ତ୍ର ଭାବେ ହେଉ ଖାଇ ଭଲ ବଢି ଥାଆନ୍ତି ତାହାହିଁ ସେମାନଙ୍କ ପାଇଁ ଉପଯୁକ୍ତ ପୂରକ ଆହାର । ଭିନ୍ନ ଭିନ୍ନ ପ୍ରଜାତିର ମାଛ ଓ ଚିଙ୍ଗୁଡିମାନଙ୍କ ଖାଦ୍ୟ ଗ୍ରହଣ ଓ ଖାଦ୍ୟାଭାସକୁ ଗୁରୁତ୍ୱ ଦେଇ ସ୍ୱତନ୍ତ୍ର ପୂରକ ଆହାରମାନ ପ୍ରସ୍ତୁତ କରାଯାଇଥାଏ । ତାହା ପ୍ରାଣୀଜ ଖାଦ୍ୟ ହୋଇପାରେ ବା ଉଭିଜ ।

ଆମ ଗାଁ ଗହଳିରେ ସାଧାରଣତଃ କାର୍ପ ମାଛ ଚାଷ ପାଇଁ ଖାଲି କୁଣ୍ଡା ଓ ବାଦାମ ପିଡିଆକୁ ପୂରକ ଆହାର ରୂପେ ବ୍ୟବହାର କରାଯାଉଥିବା ବେଳେ ମାଗୁର, ଜଳଙ୍ଗ ଓ ଚିଙ୍ଗୁଡି ଇତ୍ୟାଦିଙ୍କୁ ଗେଣ୍ଡା, ଶୁଖୁଆ ଗୁଣ୍ଡ, କୁକୁଡାପୁଟି ଇତ୍ୟାଦିକୁ କୁଣ୍ଡା ପିଡିଆ ସହତି ପୂରକ ଆହାରରୂପେ ବ୍ୟବହାର କରାଯାଏ । ସେହିପରି ଗ୍ରାସ୍‌କାର୍ପ ବା ଦଳଖାଇ ମାଛମାନଙ୍କୁ କୁଣ୍ଡାପିଡିଆ ସହିତ କୋବି ପତ୍ର, ମୂଳାପତ୍ର, ପରାଘାସ, ନେପିଅରଘାସ ଇତ୍ୟାଦିକୁ ପୂରକ ଆହାର ରୂପେ ବ୍ୟବହାର କରାଯାଇପାରେ । ଆଜିକାଲି କେତେକ ନାମିଦାମି କମ୍ପାନୀମାନେ ବ୍ୟବସାୟିକ ଭିତିରେ ବିଭିନ୍ନ ଧରଣର ମାଛଖାଦ୍ୟ ପସ୍ତୁତ କରି ବଜାରରେ ବିକ୍ରି କରୁଛନ୍ତି । ଏହା ନାଡିଖାଦ୍ୟ (ପେଲେଟ୍) ବା ଖଣ୍ଡିଖାଦ୍ୟ (କମ୍ବ୍ର ଲସ୍) ଆକାରରେ ମଳିଥାଏ ।

ବଜାରରେ ମିଳୁଥିବା ନାଡି ଖାଦ୍ୟ ବା ଖଣ୍ଡି ଖାଦ୍ୟ ମାଛ ବା ଚିଙ୍ଗୁଡି ଚାଷ ପାଇଁ ସାଧାରଣ କୁଣ୍ଡା ଓ ପିଡିଆ ଇତ୍ୟାଦିର ମିଶ୍ରଣ ଅପେକ୍ଷା ଅଧିକ ଉପଯୋଗୀ । ହେଲେ ଦାମ୍ ଦୃଷ୍ଟିରୁ ଏହା ସବୁ ବର୍ଗର ମାଛଚାଷୀଙ୍କ ସମସ୍ୟା ଦରୂ କରିପାରୁ ନାହିଁ । ସେଥିପାଇଁ ଏକମାତ୍ର ବିକଳ୍ପ ହେଲା ଫାର୍ମରେ ସୁଲଭ ମୂଲ୍ୟରେ ନିଜେ ମାଛ ଖାଦ୍ୟ ପ୍ରସ୍ତୁତ କରିବା ।

**ନିଜେ ମାଛମାନଙ୍କ ପାଇଁ ପୁରକ ଆହାର ପ୍ରସ୍ତୁତ କରିବା କାହିଁକି :**

- ଆମମାନଙ୍କ ମଧ୍ୟରୁ ଅନେକ ଚାଷୀ ପୋଖରୀରେ କୁଣ୍ଡା ଓ ପିଡିଆର ମିଶ୍ରଣକୁ ମାଛ ଖାଦ୍ୟ ଆକାରରେ ପକାଇଥାଉ । ଏହିପରି ଖାଦ୍ୟ ସମ୍ପୂର୍ଣ୍ଣରୂପେ ମାଛମାନଙ୍କ ପାଖରେ ନପହଞ୍ଚି ଅନେକାଂଶରେ ନଷ୍ଟ ହୋଇଯାଏ ।
- ନାମିଦାମି କମ୍ପାନୀ ଖାଦ୍ୟ ଦାମିକା ଅଟେ । ତାହା ଆମ ଗରିବ ଚାଷୀଙ୍କ ସମ୍ବଳକୁ ସୁହାଇ ନଥାଏ ।
- କମ୍ପାନୀଖାଦ୍ୟ ବସ୍ତା ଦରିଆରେ ବିକ୍ରି ହୁଏ । ତେଣୁ ଜଣେଚାଷୀ ଇଚ୍ଛା କଲେ କମ୍ ପରିମାଣର ଖାଦ୍ୟ କିଣିବାକୁ ସୁଯୋଗ ପାଏ ନାହିଁ ।
- ନିଜ ଫାର୍ମରେ ନିଜେ ଖାଦ୍ୟ ପ୍ରସ୍ତୁତ କଲେ ଶସ୍ତାରେ ଓ ସୁବିଧାରେ ଏହା କରିହୁଏ ।

**ନିଜେ ନାଡିଖାଦ୍ୟ ତିଆରି କରିବା କିପରି:**

ମାଛ ମାନଙ୍କ ପାଇଁ ନାଡି ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ହେଲେ ନିମ୍ନଲିଖିତ ଉପାୟକୁ ଅବଲମ୍ବନ କରାଯାଏ ।

- ପ୍ରଥମେ କୁଣ୍ଡା, ପିଡିଆ ଆଦି ଖାଦ୍ୟର ଉପାଦାନ ଗୁଡିକ ଛୋଟ ଚକି ମେସିନ୍ ସାହାଯ୍ୟରେ ପେଶି ଗୁଣ୍ଡ କରାଯାଏ ।
- ବିଭିନ୍ନ ଗୁଣ୍ଡ ଉପାଦାନକୁ ଅନୁମୋଦିତ ପରିମାଣରେ ମିଶାଇ ଖାଦ୍ୟ ମିଶ୍ରଣ ତିଆରି କରାଯାଏ ।
- ଖାଦ୍ୟ ମିଶ୍ରଣକୁ ସାମାନ୍ୟ ପାଣି ଦେଇ ଚୁଲି ଉପରେ ରଖି ବମ୍ଫାଯାଇ ଖାଦ୍ୟ ଅପପୁଷ୍ଟିର ନିରାକରଣ କରାଯାଏ ।
- ବମ୍ଫାହୋଇଥିବ ଖାଦ୍ୟ ମିଶ୍ରଣକୁ ଥଣ୍ଡା କରି ନାଡି ଖାଦ୍ୟ ପ୍ରସ୍ତୁତ ମେସିନ୍ ସାହାଯ୍ୟରେ ନାଡି ଖାଦ୍ୟରେ ପରିଣତ କରାଯାଏ ।
- ଆବଶ୍ୟକ ଅନୁଯାୟୀ ଛାଞ୍ଚରେ ବିଭିନ୍ନ ସାଇଜର ଖାଦ୍ୟ ନାଡି ପ୍ରସ୍ତୁତ କରାଯାଇ ପାରେ ।
- ନାଡିଖାଦ୍ୟକୁ ଭଲ ଭାବରେ ଖରାରେ ଶୁଖାଇ ଜରି ଅଖାରେ ସାଇତି ରାଖାଯାଏ ।
- ନାଡିଖାଦ୍ୟ ବସ୍ତାକୁ ଶୁଖିଲା ଯାଗାରେ ଭାଡିକରି ରଖିଲେ ଖାଦ୍ୟରେ ଫିମ୍ପି ହୁଏ ନାହିଁ କି ମୂଷାମାନଙ୍କ ଦ୍ୱାରା ନଷ୍ଟ ହୁଏ ନାହିଁ ।
- ସାଇତି ରଖାଯାଇଥିବା ଖାଦ୍ୟକୁ ମାସକୁ ଥରେ ଟାଣ ଖରାରେ ଶୁଖାଇ ଅଖାରେ ପୂରାଇ ରଖିଲେ ଖାଦ୍ୟର ଗୁଣମାନ କମେ ନାହିଁ ।

**ନିଜେ ବାଟୁଳା ବା ଝୁଡା ଖାଦ୍ୟ ତିଆରି କରିବା କିପରି:**

- ଗୁଣ୍ଡ ହୋଇ ରହିଥିବା ପିଡିଆ ବା ଖଣ୍ଡ ପିଡିଆକୁ ଅନୁମୋଦିତ ହାରରେ ପୂର୍ବ ରାତିରୁ ପାଣିରେ ଭିଜାଇବାକୁ ହୁଏ।
- ପରଦିନ ସେହି ପିଡିଆରେ ଅନୁମୋଦିତ ହାରରେ କୁଣ୍ଡା ଏବଂ ଖଣିଜ ଓ ଭିଟାମିନ ଇତ୍ୟାଦି ମିଶାଯାଏ।
- ଏହି ମିଶ୍ରଣରେ ଆବଶ୍ୟକ ପରିମାଣର ପାଣି ଦେଇ ଖାଦ୍ୟ ବାଟୁଳା ବା ଝୁଡା ଖାଦ୍ୟ ପ୍ରସ୍ତୁତ କରାଯାଏ।
- ଖାଦ୍ୟ ବାଟୁଳାକୁ କିଛି ସମୟ ଖରାରେ ଶୁଖାଇଦେଲେ ଭଲ।

**ମାଛ ଖାଦ୍ୟ ପାଇଁ ସାଧାରଣ ଉପାଦାନ:**

- ଆମ ହାତ ପାଆନ୍ତାରେ ଶସ୍ତାରେ ମିଳୁଥିବା ଉପାଦାନ ଯଥା, ବାଦାମ ପିଡିଆ, ସୂର୍ଯ୍ୟମୁଖୀ ପିଡିଆ, ରାଶି ପିଡିଆ, ପେଷୁ ପିଡିଆ, ସୋୟାବିନ୍ ଗୁଣ୍ଡ ବା ପିଡିଆ ଓ ନଡିଆ ପିଡିଆକୁ ମାଛଖାଦ୍ୟରେ ପୁଷ୍ଟିସାର ଓ ସ୍ନେହସାରର ଉପାଦାନ ରୂପେ ବ୍ୟବହାର କରାଯାଏ ।
- କାଣ୍ଡିଆ କୁଣ୍ଡା, ତେଲରହିତକୁଣ୍ଡା ବା ଗହମ ଚୋକଡ ଇତ୍ୟାଦି ମୁଖ୍ୟତଃ ଶ୍ୱେତସାର ଉପାଦାନ ହିସାବରେ ବ୍ୟବହାର କରାଯାଏ ।
- ଖାଦ୍ୟର ମାନ ବୃଦ୍ଧି କରିବା ପାଇଁ କିଛି (୧%) ଖଣିଜ ଲବଣ ଓ ଭିଟାମିନ୍ ମିଶ୍ରଣ ମିଶାଯାଇପାରେ ।
- ସାଧାରଣତଃ ୨୫% ରୁ ୩୦% ପୃଷ୍ଟିସାର ଥିବାଖାଦ୍ୟ ମାଛଚାଷ ପାଇଁ ଉପଯୁକ୍ତହୋଇଥାଏ । ତେଣୁ ଖାଦ୍ୟ ଉପାଦାନକୁ ଅନୁମୋଦିତ ହାରରେ ମିଶାଇ ଶସ୍ତାରେ ଉପଯୁକ୍ତ ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ।

**ସରଣୀ-୧: ଖାଦ୍ୟ ଉପାଦାନରେ ପୃଷ୍ଟିସାର ଓ ସ୍ନେହସାରର ପରିମାଣ ଏବଂ ଆପେକ୍ଷିକ ମୂଲ୍ୟ**

| ଉପାଦାନ | ପୃଷ୍ଟିସାର (%) | ସ୍ନେହସାର (%) | ଆପେକ୍ଷିକ ଦାମ୍/କେଜି (ଟଙ୍କ) |
|---|---|---|---|
| ବାଦାମ ପିଡିଆ | ୪୦-୪୫ | ୬-୮ | ୩୫-୪୦ |
| ସୋରିଷ ପିଡିଆ | ୩୫-୩୭ | ୫-୬ | ୧୮-୨୦ |
| ସୂର୍ଯ୍ୟମୁଖୀ ପିଡିଆ | ୩୦-୩୨ | ୧୦-୧୨ | ୧୨-୧୫ |
| ପେଷୁ ପିଡିଆ | ୩୦-୩୨ | ୨୦-୨୨ | ୨୦-୨୫ |
| ରାଶି ପିଡିଆ | ୩୫-୩୬ | ୪-୫ | ୧୫-୧୮ |
| ସୋୟାବିନ୍ ପିଡିଆ | ୪୫-୪୭ | ୧-୩ | ୪୦-୪୫ |
| କୁଣ୍ଡା | | ୧୦-୧୨ | ୧୦-୧୨ ୧୦-୧୨ |

**ସରଣୀ-୨: ବିଭିନ୍ନ ଉପାଦାନଗୁଡିକ ମିଶାଇବାର ଅନୁପାତ**

| ଉପାଦାନ | ଅନୁପାତ | ପୃଷ୍ଟିସାର (%) | ସ୍ନେହସାର (%) | ଆପେକ୍ଷିକ ଦାମ୍ (ଟଙ୍କ) |
|---|---|---|---|---|
| ବାଦାମ ପିଡିଆ:କୁଣ୍ଡା | ୫୦:୫୦ | ୨୫ | ୮.୫ | ୨୨-୨୬ |
| ସୋରିଷ ପିଡିଆ: କୁଣ୍ଡା | ୬୦:୪୦ | ୨୫ | ୧୦ | ୧୨-୧୫ |
| ସୂର୍ଯ୍ୟମୁଖୀ ପିଡିଆ: କୁଣ୍ଡା | ୭୦:୩୦ | ୨୪ | ୧୦ | ୧୨-୧୪ |
| ସୋରିଷ ପିଡିଆ:ପେଷୁ ପିଡିଆ:କୁଣ୍ଡା | ୪୫:୧୫:୪୦ | ୨୪ | ୧୦ | ୧୫-୧୮ |
| ରାଶି ପିଡିଆ: କୁଣ୍ଡା | ୬୦:୪୦ | ୨୫ | ୭ | ୧୩-୧୫ |

**ପୁରକ ଆହାର ପ୍ରୟୋଗ ବିଧି:**

- ଜାଆଁଳ ଚାଷରେ ଗୁଣ୍ଡ ଖାଦ୍ୟକୁ ବାଟୁଳାକରି ପୋଖରୀରେ ପ୍ରୟୋଗ କରାହୁଏ ।
- ନାଡି ଓ ବାଟୁଳା ଖାଦ୍ୟକୁ ଝୁଡିରେ ବା ଅଖାରେ ରଖି ମାଛ ଚାଷ ପୋଖରୀର ବିଭିନ୍ନ ସ୍ଥାନରେ ଝୁଲାଇ ଦିଆଯାଏ ।
- ମାଛମାନଙ୍କ ସମୁଦାୟ ଦେହ ଓଜନର ୨ ରୁ ୩% ଖାଦ୍ୟ ପ୍ରତିଦିନ ଦିଆଯାଏ ।
- ଗୁଣ୍ଡ ଜାଆଁଳ ଚାଷରେ, ଗୁଣ୍ଡ ଖାଦ୍ୟ ପୋଖରୀରେ ଭସାଇ କରି ଦିଆଯାଇଥାଏ ।
- ଚିଙ୍ଗୁଡି ଚାଷରେ ଦିନ ବେଳେ ୪୦% ଏବଂ ରାତି ବେଳେ ୬୦% ଖାଦ୍ୟ ଦିଆଯାଏ।
- ସାଧାରଣତଃ ମାଛ ଚାଷରେ ଖାଦ୍ୟ ପାଇଁ ସର୍ବାଧିକ ଖର୍ଚ୍ଚ କରିବାକୁ ପଡିଥାଏ ତେଣୁ କମ୍ ଖର୍ଚ୍ଚରେ ନିଜେ ଫାର୍ମରେ ଉପଯୁକ୍ତ ଖାଦ୍ୟ ପ୍ରସ୍ତୁତ କରିପାରିଲେ ଲାଭ ପରିମାଣ ବଢିଥାଏ ।

© copyright all rights reserved. ICAR-CIFA 2016

**ସୂଚନା ନିମନ୍ତେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ:**

ନିର୍ଦ୍ଦେଶକ, ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା
ପୋଷ୍ଟ-କୌଶଲ୍ୟାଗଙ୍ଗ, ଭୁବନେଶ୍ୱର-୭୫୧ ୦୦୨, ଓଡିଶା, ଭାରତ
ଦୂରଭାଷା :୯୧-୬୭୪-୨୪୬୫୪୨୧, -୨୪୬୫୪୪, -୨୪୬୫୪୦୨
ଫ୍ୟାକ୍ସ :୯୧-୬୭୪-୨୪୬୫୪୦୭
ଇ.ମେଲ: director.cifa@icar.gov.in, ୱେବସାଇଟ୍: www.cifa.in

ପ୍ରସ୍ତୁତି
**ଡ. ସୁରେଶ ଚନ୍ଦ୍ର ରଥ,** ପ୍ରଧାନ ବୈଜ୍ଞାନିକ
**ଡ. କଦୋର ନାଥ ମହାନ୍ତ,** ପ୍ରଧାନ ବୈଜ୍ଞାନିକ
**ଡ. କୃଷ୍ଣ ଚନ୍ଦ୍ର ଦାସ,** ପ୍ରଧାନ ବୈଜ୍ଞାନିକ
ପ୍ରକାଶକ
**ଡ. ପି. ଜୟଶଙ୍କର,** ନିର୍ଦ୍ଦେଶକ